## ସଂକ୍ଷେପରେ

### ଅଟୋ- ବାଇକ ଧକ୍କା, ୪ ଗୁରୁତର

ରାୟଗଡ଼ା,୧୧।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ ସହର ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ଆମ୍ବଗୁଡା ଛକରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ଧକ୍କା ହେବା ପରେ ଅଟୋ ଭାରସାମ୍ୟ ହରାଇ ଓଲଟିପଡ଼ିବାରୁ ୪ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଯୁବକ ସମସ୍ତଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆହତମାନେ ହେଲେ କୋରି ପ୍ରାସ୍କା, ଅଞ୍ଜଳି କୁଲେସିକା, ସୋମାଲୁ ମାଣ୍ଡାଙ୍ଗି ଏବଂ ସୌମ୍ୟ ବିଡିକା। ଦୁର୍ଘଟଣା ପରେ ବାଇକ୍ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାୟଗଡ଼ାରୁ କୋରାପୁଟ ରାସ୍ତାରେ ଥିବା ସିରିକଣାକୁ ଏକ ଯାତ୍ରୀବାହୀ ଅଟୋ ପାସେଞ୍ଜର ନେଇ ଯାଉଥିବା ବେଳେ ଆମ୍ବଗୁଡା ଛକରେ ଏକ ବାଇକ ବେପରୁଆ ଭାବେ ଦ୍ରୁତଗତିରେ ଆସି ଅଟୋକୁ ଧକ୍କାଦେଇଥିଲା। ଫଳରେ ବାଇକ ଚାଳକକୁ ବଞ୍ଚାଇବାକୁ ଯାଇ ଅଟୋ ଓଲଟି ପଡିଥିଲା।

### ଗୁଣପୁର ଓକିଲ ସଂଘ ନିର୍ବାଚନ: ୬ ନାମାଙ୍କନପତ୍ର ଦାଖଲ

ଗୁଣପୁର,୧୧।୩ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାରଠାରୁ ୨ ଦିନ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯିବ। ସୋମବାର ପ୍ରଥମ ଦିନରେ ବିଭିନ୍ନ ପଦପଦବୀ ପାଇଁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିଭଳି ଉପସଭାପତି ପାଇଁ ଗଣେଶ ସାହୁ ଓ ଆର୍.ଡି. ମିଶ୍ର, ସମ୍ପାଦକ ପାଇଁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ଓ ଗୋବିନ୍ଦ ଚନ୍ଦ୍ର ସାହୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଏବଂ ସୁରଜ ପାତ୍ର ନାମାଙ୍କନପତ୍ର ଦାଖଲ କରିବା ନିମନ୍ତେ ପ୍ରାର୍ଥୀପତ୍ର ନେଇଥିବା ନିର୍ବାଚନ ଅଧିକାରୀ ମନୋଜ ରଉଳୁ ସୂଚନା ଦେଇଛନ୍ତି। ୧୩ରେ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ନାମ ଘୋଷଣା, ୧୪ରେ ନାମାଙ୍କପନପତ୍ର ଯାଞ୍ଚ, ୧୫ରେ କାଏମ ନାମାଙ୍କପନପତ୍ର ପ୍ରକାଶ, ୧୬ରେ ନାମାଙ୍କନପତ୍ର ପ୍ରତ୍ୟାହାର ଏବଂ ୧୮ରେ ଚୂଡାନ୍ତ ତାଲିକ ପ୍ରକାଶ ପାଇବ। ୩୦ ସକାଳ ୮ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ଅପରାହ୍ନ ୪ରୁ ଭୋଟଗଣତି କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ପାଇଁ କାର୍ଯ୍ୟସୂଚୀ ରହିଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ମାଲକାନଗିରି,୧୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ଦ୍ୱାରା ଜୁଆ ଖେଳରେ ଚଢାଉ ବେଳେ ୫ ଜଣ ଜୁଆଡି ଗିରଫ ହୋଇଛନ୍ତି। ଏମ୍‌ଭି ୧୩ ଗ୍ରାମ ନିକଟରେ ରବିବାର ରାତିରେ ଖୁଡୁଖୁଡି ଜୁଆ ଖେଳ ଜାରି ରହିଥିବା ଖବର ପାଇ ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ସେଠାରେ ଚଢାଉ କରିଥିଲା। ପୋଲିସକୁ ଦେଖି ଜୁଆଡିମାନେ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ଟିମ୍ ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୮୦୩୦ ଟଙ୍କା ସହ ଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ତେବେ ଏନେଇ ଆଦର୍ଶ ଥାନାରେ ନଂ. ୧୯୯/୨୪ରେ ଏକ ମାମଲା ରୁଜୁକରି ସୋମବାର ଗିରଫ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ବିଏସ୍‌ପିର ଶୋଭାଯାତ୍ରା, ଥାନା ଘେରାଉ

ମୁନିଗୁଡା,୧୧।୩ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ବିଏସ୍‌ପି ଦଳ ସହ ଅନ୍ୟାନ୍ୟ ସଂଗଠନ ତରଫରୁ ମିଳିତ ଭାବେ ଶକ୍ତି ପ୍ରଦର୍ଶନ କରାଯାଇଛି। ସୋମବାର ମୁନିଗୁଡାଠାରେ ୧୧ଟି ବ୍ଲକରୁ ବିଏସ୍‌ପି କର୍ମୀ ଏବଂ ହଜାର ହଜାର ସଂଖ୍ୟାରେ ଆଦିବାସୀ ଓ ଦଳିତ ବର୍ଗର ମହିଳା ପୁରୁଷ ଏକାଠି ହୋଇଥିଲେ। ଦଳିତଙ୍କୁ ନ୍ୟାୟ ଓ ବିଏସ୍‌ପି ନେତା ଜିତୁ ଜାକେସିକାଙ୍କୁ ନିଃସର୍ତ୍ତରେ ଖଲାସ ଦାବିରେ ବିଶାଳ ଶୋଭାଯାତ୍ରାରେ ଆସି ଥାନା ଘେରାଉ କରିଥିଲେ। ବିଏସ୍‌ପି କର୍ମୀ ସ୍ଥାନୀୟ ମୁନିଖୋଲ ପଡିଆରୁ ବାହାରି ସହର ପରିକ୍ରମା କରିବା ପରେ ଥାନା ନିକଟରେ ପହଞ୍ଚି ବିକ୍ଷୋଭ ସହ ଘେରାଉ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ଡିପିଓ ଓ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି ।

ଗତ ୨୩ ତାରିଖରେ ସକଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଥିବା ଘଟଣା ପରେ ଉଭୟ ପକ୍ଷରୁ ମୁନିଗୁଡା ଥାନାରେ ଏତଲା ଦିଆଯାଇଥିଲା।



ମୁନିଗୁଡ଼ା ଥାନା ସମ୍ମୁଖରେ ବିଏସ୍‌ପି କମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କିନ୍ତୁ ପୋଲିସ କେବଳ ଜିତୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଜିତୁଙ୍କ ପାଲଟା ଏତଲା କ୍ରମେ ସମ୍ପୃକ୍ତ ଡାକ୍ତର ଗିରଫ ହୋଇ ନ ଥିବାରୁ ପ୍ରତିବାଦ କରାଯାଇଛି। ତେବେ ଶୀଘ୍ର ଜିତୁ ଜାକେସିକାଙ୍କୁ ନିଃସର୍ତ୍ତରେ ଖଲାସ ଓ ଡାକ୍ତରଙ୍କୁ ଗିରଫ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ସାରା ଓଡ଼ିଶାରେ ଆନ୍ଦୋଳନ କରାଯିବ ବୋଲି ବିଏସ୍‌ପି ତରଫରୁ ଚେତାବନୀ ଦିଆଯାଇଛି। ଏହି ଘେରାଉରେ କେନ୍ଦ୍ରୀୟ ସଂଯୋଜକ ଚମ୍ପା ଲାଲ ଟୁଙ୍ଗୁରିଆ, ବିଏସ୍‌ପି ଲୋକ ସଭା ପ୍ରଭାରୀ ହରେଶ କୁମାର ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ଗରଡିଆ, ମୁନିଗୁଡା ବ୍ଲକ୍ ବିଏସ୍‌ପି ସଭାପତି ରବି କୁମୁରୁକା, ବିଷମକଟକ ବ୍ଲକ ବିଏସ୍‌ପି ସଭାପତି ପ୍ରସାଦ କୁଟ୍ରୁକା, ବରିଷ୍ଠ କର୍ମୀ ପୂର୍ଣ୍ଣଚନ୍ଦ୍ର ଟାକ୍ରି, ସରୋଜ ନାୟକ, ସାଇବ ଟାକ୍ରି ଓ ଭକ୍ତ ପିଡ଼ିକାଙ୍କ ସମେତ ହଜାର ହଜାର କର୍ମୀ ଯୋଗ ଦେଇଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

ପଦ୍ମପୁର,୧୧।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲାର ପଦ୍ମପୁରଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ପଦ୍ମପୁର ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ପଦ୍ମପୁର ଅଞ୍ଚଳର ଯୁବଗୋଷ୍ଠୀ ଓ ଗୁରୁ ଭାଇଙ୍କ ପ୍ରଚେଷ୍ଟାରେ ସମଗ୍ର ଜିଲାରୁ ଭକ୍ତମାନେ ଏଠାରେ ସମାବେଶ ହୋଇ ଠାକୁରଙ୍କ ଭକ୍ତି, କୀର୍ତ୍ତନ କରିଥିଲେ। ପ୍ରାତଃ ବିନତି ପ୍ରାର୍ଥନା ପରେ ଭକ୍ତଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ଏଥିରେ ପଦ୍ମପୁର ସତ୍‌ସଙ୍ଗ ବିହାରର ପରିଚାଳକ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁରରୁ ଆସିଥିବା ନବୀନ ସାହୁ ଓ ମୁନିଗୁଡାରୁ ଆସିଥିବା ଗୋପୀନାଥ ପାତ୍ର ପ୍ରମୁଖ ଠାକୁରଙ୍କ ଦିବ୍ୟଲୀଳା ଉପରେ ସୂଚନା ଦେଇଥିଲେ। ଦେବରାଜ ମଲ୍ଲିକ ସତ୍‌ସଙ୍ଗ ପରିଚାଳନା କରିଥିବାବେଳେ ବି.କିରଣ କୁମାର, ଭାସ୍କର ସାହୁ, ରାଧାକୃଷ୍ଣ ସାହୁ, ଅଶ୍ୱିନୀ ସୁବୁଦ୍ଧି, ଲଳିତ ପାଣିଗ୍ରାହୀ, ଗଙ୍ଗାଧର ବେହେରା, ପୀତବାସ ଗନ୍ତାୟତ, ସୁନୀଲ ନାୟକ, ବଳରାମ ପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଏକ ମାତୃ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହାକୁ ସଂଯୁକ୍ତା ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ମିନତି ପାଣିଗ୍ରାହୀ ନାରୀ ଓ ମାତୃଶକ୍ତିର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଶତାଧିକ ଭକ୍ତ ଓ ଗୁରୁ ଭଉଣୀଭାଇମାନେ ଯୋଗ ଦେଇଥିଲେ।


ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଭକ୍ତ।

# ୩୦ଲକ୍ଷ ସରକାରୀ ଚାକିରି ପୂରଣ ପ୍ରତିଶ୍ରୁତି ଦେଲା କଂଗ୍ରେସ

## ଜିଲା ଯୁବ କଂଗ୍ରେସର ଖବରଦାତା ସମ୍ମିଳନୀ

ରାୟଗଡ଼ା,୧୧।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୁବକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରତିଶ୍ରୁତି ଦେଇଥିବା ଇସ୍ତାହାର କଂଗ୍ରେସ ପକ୍ଷରୁ ଘୋଷଣା କରଯାଇଥିଲା । ଜିଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଦେଶରେ ଯୁବକଙ୍କୁ ନିଯୁକ୍ତିର ପ୍ରତିଶ୍ରୁତି ଦେଇଛି କଂଗ୍ରେସ । ଯଦି କଂଗ୍ରେସକୁ ଲୋକେ ଭୋଟ ଦିଅନ୍ତି ଏବଂ ଦଳ ସରକାର ଗଠନ କରେ, ତେବେ


କଂଗ୍ରେସ ନେତାମାନେ ନିର୍ବାଚନୀ ଇସ୍ତାହାର ପ୍ରଦର୍ଶିତ କରୁଛନ୍ତି।

ଯୁବତୀଯୁବକଙ୍କ କ୍ଷେତ୍ରରେ ୩୦ଲକ୍ଷ ସରକାରୀ ଚାକିରି ପୂରଣ, ଡିପ୍ଲୋମା ଓ ସ୍ନାତକଧାରୀ ତଥା ୨୫ବର୍ଷରୁ କମ୍‌ଙ୍କୁ ଏକ ବର୍ଷ ପାଇଁ ୧ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ରୋକିବା, ଅସ୍ଥାୟୀ ଶ୍ରମିକଙ୍କ ଅର୍ଥନୈତିକ ଓ ସାମାଜିକ ସୁରକ୍ଷା ଏବଂ ଦେଶର ସମସ୍ତ ଜିଲା ପାଇଁ ୫ ହଜାର କୋଟି ଟଙ୍କାର ଷ୍ଟାର୍ଟଅପ୍ ଫଣ୍ଡ ଯୋଗାଇଦେବ ବୋଲି କଂଗ୍ରେସ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ବିଷୟରେ ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଲୋକ ସଭା କ୍ଷେତ୍ର ପୂର୍ବତନ ଯୁବ ସଭାପତି ଭବାନୀ ଶଙ୍କର ଜେନା, ନଗର ଯୁବ ସଭାପତି ସୟେଦ୍ ଜିନ୍ ଉଲହକ୍, ମିଡିଆ କୋର୍ଡିନେଟର ହରି ନାରାୟଣ ଦାସ ଏବଂ କାଶୀପୁର ବ୍ଲକ ଯୁବ ସଭାପତି ଭରତ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

### ମାଛ ଧରୁଥିବା ବେଳେ ଜଳଭଣ୍ଡାରରେ ବୁଡ଼ିଯାଇ ମହିଳାଙ୍କ ମୃତ୍ୟୁ

ମାଲକାନଗିରି,୧୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସତୀଗୁଡ଼ା ଜଳଭଣ୍ଡାରରେ ସୋମବାର ମାଛ ଧରୁଥିବା ବେଳେ ବୁଡ଼ିଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଭୀମାରାଙ୍ଗିନୀ ଗ୍ରାମର ରାଧା ମାଢ଼ି (୫୦) ରବିବାର ଅପରାହ୍ନରେ ସତୀଗୁଡ଼ା ଜଳଭଣ୍ଡାରକୁ ମାଛ ଧରିବାକୁ ଯାଇ ଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ଗଭୀର ଜଳରେ ବୁଡି ଯାଇଥିଲେ। ନିକଟରେ ଅନ୍ୟ ମାଛ ଧରାଳି ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମ ଲୋକମାନେ ବହୁତ ଖୋଜା ଖୋଜି କଲା ପରେ ବିଳମ୍ବିତ ରାତିରେ ଜଳଭଣ୍ଡାରରୁ ମହିଳାଙ୍କୁ ଉଦ୍ଧାର କରିଥିଲେ। ସିନ୍ଧ୍ରିମାଳ ସରପଞ୍ଚ ଘାସି ନାୟକ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଜଣାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମହିଳାଙ୍କୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କ ପୁତୁରା ମାଲକାନଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ମନ୍ତ୍ରୀଙ୍କ ଦ୍ୱାରା ଖବରଦାତା ପ୍ରଶାନ୍ତ ସମ୍ମାନିତ

ପଦ୍ମପୁର,୧୧।୩ (ପ୍ରଶାନ୍ତ କୁମାର କର)

କର୍ମଜୀବୀ ସାମ୍ବାଦିକ ସଂଘ ଓ ନୀଳଚକ୍ର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବୌଦ୍ଧ ଜିଲାର ଏକ ହୋଟେଲରେ ବାର୍ଷିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। କର୍ମଜୀବୀ ସାମ୍ବାଦିକ ସଂଘ ଜିଲା ସଭାପତି ମନୋରଞ୍ଜନ ଦାସଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଅମାତ ଦକ୍ଷିଣ ଓଡ଼ିଶାର ବିଶିଷ୍ଟ ଖବରଦାତା ତଥା ରାୟଗଡ଼ା ଜିଲା ପଦ୍ମପୁର ଖବରଦାତା ପ୍ରଶାନ୍ତ କୁମାର କରଙ୍କୁ ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରୟଦର୍ଶୀ ପ୍ରତ୍ୟୁଷ ରଥ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାହିତ୍ୟିକ ଡ. ସଞ୍ଜୟ କୁମାର ପଣ୍ଡା, ସମ୍ମାନିତ ବକ୍ତା ଭାବେ ବରଗଡ଼ର ବରଷ୍ଠ ଆଇନଜୀବୀ ରିତୀଶ ଚନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ବୈଠକକୁ ସମ୍ପାଦକ ସିଦ୍ଧେଶ୍ୱର ଗିରି ପରିଚାଳନା କରିଥିଲେ ।


ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଖବରଦାତା ପ୍ରଶାନ୍ତ କୁମାର କରଙ୍କୁ ସମ୍ମାନିତ କରୁଛନ୍ତି।

# କେରଳ ଚାଲାଣ ବେଳେ ଗଞ୍ଜେଇ ଜବତ, ୪ ଗିରଫ

ଅମ୍ବାଦଳା,୧୧।୩(ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଅନ୍ତର୍ଗତ ମୁଖ୍ୟ ରାଜରାସ୍ତାର ରେଳ ଷ୍ଟେଶନ ଛକ ନିକଟରେ ପୋଲିସ ଚଢ଼ାଉକରି କେରଳ ଚାଲାଣ ହେବାକୁ ଥିବା ଗଞ୍ଜେଇ ଜବତ କରିଛି। ପୋଲିସ ୪ଜଣ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେରଳ ଏରୁନାକୁଲମ ଜିଲା ଆଲୁବା ଥାନା ଅଞ୍ଚଳର ଅଲଭିନ ଭରଗେସ(୨୪), ମାୟାଲଲମପରା ଗ୍ରାମର ଅଖିଲ ସିଲେମେନ୍ଟସ ସୁରେଶ(୨୨), କୁଟ୍ଟାପନା ଥାନା କାଞ୍ଜିଡାଥୁଙ୍କଲ ଗ୍ରାମର ଶରତ ସବୁ(୨୨) ଓ ପୋନିଥୁରା ଥାନା ପାଲରିଭୋଟମର ସୁହିଲ ଜାକିର(୨୫) ବୋଲି ଜଣାପଡିଛି। ପୋଲିସ ସେମାନଙ୍କ ନିକଟରୁ ୩୧କେଜି ୨୨୦ଗ୍ରାମ ଗଞ୍ଜେଇ, ୫ଟି ମୋବାଇଲ, ୩ଟି ହାତ ଘଣ୍ଟା, ଗୋଟିଏ ଆଧାର କାର୍ଡ ଓ ଗୋଟିଏ ଭୋଟର କାର୍ଡ ଜବତ କରିଛି।

ଅମ୍ବାଦଳା କାର୍ଗିଲ ଛକଠାରୁ ଏୟାର ବ୍ୟାଗ୍ ଯୋଗେ ଗଞ୍ଜେଇ କେରଳ ଚାଲାଣ ହେବାକୁ ଥିବା ପୋଲିସ ବିଶେଷ ସୂତ୍ରରୁ ଖବରପାଇଥିଲା। ଅମ୍ବାଦଳା ଥାନାଧିକାରୀ କଳ୍ପନା ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ରାମ ଶଙ୍କର ବାଘ, ଏଏସ୍‌ଆଇ ଉମାକାନ୍ତ ଶବର, ଅନୀଲ ବୈଧାର ଓ ପ୍ରଶାନ୍ତ ପାଢ଼ୀ, ହୋମଗାର୍ଡ ରୋମିଓ ସଦଳବଳ ରେଳ ଷ୍ଟେଶନ ଛକରେ ଜଗି ରହିଥିଲେ। ଅଭିଯୁକ୍ତମାନେ ରେଳ ଷ୍ଟେଶନକୁ ଯାଉଥିବାବେଳେ ପୋଲିସ ଟିମ୍ ସେମାନଙ୍କୁ ମାଡି ବସିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆଇଆଇସି କଳ୍ପନା ବେହେରା କହିଛନ୍ତି। ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ପାଟ୍ରୋଲିଂ ଓ ଯାଞ୍ଚକୁ ଆହୁରି କଡାକଡି କରାଯିବ ବୋଲି ପୋଲିସ କହିଛି।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

# ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

ଗୁଡାରି,୧୧।୩ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ଥାନା ପରିସରରେ ଚତୁର୍ଥ ବାଟାଲିଆନ ସିଆର୍‌ପିଏଫ୍ ପକ୍ଷରୁ ସୋମବାର ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଚତୁର୍ଥ ବାଟାଲିଆନ ସିଆର୍‌ପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ମନୋଜ କୁମାର ଯାଦବ ଅତିଥି ଭାବେ ଯୋଗଦେଇ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୧୬୦ଜଣଙ୍କୁ ମଶାରି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ସମେତ ବ୍ଲକର କିଛି ସରପଞ୍ଚ ଯୋଗ ଦେଇଥିଲେ। ଉପାନ୍ତ ଅଞ୍ଚଳରେ ମ୍ୟାଲେରିଆ ଦାଉରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ପ୍ରୟାସ ବୋଲି ସିଆରପିଏଫ୍ ପକ୍ଷରୁ ସୂଚନା ମିଳିଛି।


ସିଆର୍‌ପିଏଫ୍ ଅଧିକାରୀ ଗ୍ରାମବାସୀଙ୍କୁ ମଶାରି ବଣ୍ଟନ କରୁଛନ୍ତି।

# ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତା

ଗୁଣପୁର,୧୧।୩ (ପ୍ରଦୀପ କୁମାର ପାଢ଼ୀ)

ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ରାମନାଗୁଡ଼ା ବ୍ଲକ୍‌ର ନାଲପଣ୍ଡାଠାରେ କ୍ରିକେଟ ମାଧ୍ୟମରେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଗ୍ରାମାଞ୍ଚଳରେ ବନ ସୁରକ୍ଷା ସମିତି ଗଠନ କରାଯାଇ ଖରାଦିନେ ଜଙ୍ଗଲରେ ନିଆଁ ନ ଲଗାଇବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ନାଲପଣ୍ଡାଠାରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟରେ ୩୦ଦଳ ଭାଗନେଇଥିଲେ। ରବିବାର ଫାଇନାଲ ମ୍ୟାଚରେ ରେଗଡୋ ଦଳକୁ ହରାଇ ହାଡୁଗୁଡ଼ା ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ବନ ବିଭାଗ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ସମସ୍ତ ଦଳକୁ ବିଭିନ୍ନ ସଚେତନ ବାର୍ତ୍ତା ଥିବା ଟି-ଶାର୍ଟ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ ରବି ଗମାଙ୍ଗ, ବନ ବିଭାଗର ଏସିଏଫ୍ ଅଶୋକ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଖେଳାଳି।

# ୬୧ ଅଭିଯୋଗ ଶୁଣିଲେ ଜିଲାପାଳ

## କାଶୀପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ଼ା,୧୧।୩ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ହରିଶା ବି.ସି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୬୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।

ଜିଲାପାଳ ମହାଜନ ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୪୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ଶିବିରରେ କାଶୀପୁର ବିଡ଼ିଓ ମନୀଷା ଦାଶ, ତହସିଲଦାର ଏବଂ ଅନ୍ୟ ବିଭାଗୀୟ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାଶୀପୁର ବ୍ଲକର ମହୁଲକଣା ଗ୍ରାମରେ ପାଣି ସମସ୍ୟା ନେଇ ମହିଳାମାନେ ଗରା ଓ ହାଣ୍ଡି ଧରି ଅଭିନବ ଢଙ୍ଗରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗ ପାଇଲା ପରେ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ଜିଲାପାଳ ମନୋଜ ମହାଜନ ଅଭିଯୋଗକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

# ମହୁଲ ପାଇଁ ନିଆଁରେ ନଷ୍ଟ ହେଉଛି ଜଙ୍ଗଲ

**ମହୁଲ ନୁହେଁ, ଜଙ୍ଗଲ ଦରକାର**


ମହୁଲ ଫୁଲ ସଂଗ୍ରହ ଲାଗି ଜଙ୍ଗଲରେ ନିଆଁ ଲଗାଯାଉଛି ।

ମାଲକାନଗିରି, ୧୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ମାର୍ଚ୍ଚ ମାସ ଆରମ୍ଭରୁ ଗ୍ରୀଷ୍ମ ପ୍ରଭାବରୁ ଜଙ୍ଗଲରେ ଥିବା ଗଛଗୁଡ଼ିକ ପତ୍ରଝଡ଼ା ଦେଇଥାଏ । ଶୁଖିଲା ପତ୍ରରେ ଜଙ୍ଗଲ ଆଚ୍ଛାଦିତ ହୋଇଯାଏ । ଏହି ସମୟରେ ମହୁଲ ଗଛରେ ଫୁଲ ଫୁଟିବା ଆରମ୍ଭ ହୋଇଥାଏ । ମହୁଲ ଗଛରୁ ସକାଳୁ ସକାଳୁ ଫୁଲଗୁଡ଼ିକ ଝଡ଼ି ତଳେ ଗଛ ଚାରିପଟେ ବିଛାଇ ହୋଇ ପଡ଼ିଥାଏ । ଅଙ୍ଗୁର ସଦୃଶ ଏହି ମହୁଲ ଫୁଲ ଶୁଖିଲା ପତ୍ର ମଧ୍ୟରେ ପଡ଼ିଯିବା ଦ୍ୱାରା ଏହାକୁ ସଂଗ୍ରହ କରିବା ପାଇଁ ବନାଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କୁ ଅନେକ ସମୟ ଲାଗିଥାଏ । ଅଳ୍ପ ସମୟ ମଧ୍ୟରେ ପ୍ରଚୁର ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଗଛ ତଳେ ଜମା ହୋଇଥିବା ଶୁଖିଲା ପତ୍ରକୁ ନିଆଁ ଲଗାଇ ପରିଷ୍କାର କରି ଦିଅନ୍ତି । ଫଳରେ ଗଛ ଚାରିପଟେ ସଫା ହେବାଦ୍ୱାରା ଫୁଲଗୁଡ଼ିକ ଦେଖାଯିବା ସହ ଅଳ୍ପ ସମୟରେ ମହୁଲ ଫୁଲଗୁଡ଼ିକ ସଂଗ୍ରହ କରିପାରନ୍ତି । କିନ୍ତୁ ନିଆଁ ନ ଲିଭାଇବା ଯୋଗୁ ଲଗା ଯାଇଥିବା ନିଆଁ ଧୀରେ ଧୀରେ ଜଙ୍ଗଲକୁ ବ୍ୟାପିଯାଇ ଅନେକ ସମ୍ପଦ ନଷ୍ଟ ହେବା ସହ ଛୋଟଛୋଟ ଚାରା, ଔଷଧୀୟ ବୃକ୍ଷ, ପଶୁ ପକ୍ଷୀଙ୍କ ଜୀବନ ହାନି ହେବା ସହ ବାୟୁମଣ୍ଡଳ ଉତ୍ତପ୍ତ ଏବଂ ବିଷାକ୍ତ ହୋଇ ପରିବେଶ ଉପରେ କୁପ୍ରଭାବ ପକାଏ । ଏହାଦ୍ୱାରା ଜଙ୍ଗଲ ଓ ମୃତ୍ତିକା କ୍ଷୟ ସହ ଜଙ୍ଗଲ ଅଞ୍ଚଳର ମାଟିର ଆର୍ଦ୍ରତା ଶୁଷ୍କ ହୋଇଯାଏ । ତେଣୁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ବର୍ଷ ବର୍ଷ ଧରି ନିର୍ଭର କରୁଥିବା ଆଦିବାସୀମାନଙ୍କ ବର୍ତ୍ତମାନ ବନଜାତ ଦ୍ରବ୍ୟ ସଂଗ୍ରହରେ ବାଧା ସୃଷ୍ଟି ହେବା ସହ ସେମାନଙ୍କ ଜୀବନ ଜୀବିକା ଉପରେ କୁପ୍ରଭାବ ପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ବନାଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀଙ୍କୁ ନେଇ ବନ ସଂରକ୍ଷଣ ସମିତି ଗଠନ କରିଛନ୍ତି । ଜଙ୍ଗଲ, ବନ୍ୟଜନ୍ତୁ ଏବଂ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ଏହି ସମିତିଗୁଡ଼ିକ କାର୍ଯ୍ୟ କରୁଛି ।

ଏଥିରେ ବର୍ତ୍ତମାନ ସୁଦ୍ଧା ଶତ ପ୍ରତିଶତ ସୁଫଳ ମିଳି ନ ଥିବା ବେଳେ ବନାଞ୍ଚଳ ଆଦିବାସୀମାନେ ଅନୁଭବ କଲେଣି, ଯଦି ତାଙ୍କ ଅଞ୍ଚଳର ଜଙ୍ଗଲକୁ ସୁରକ୍ଷା ଦିଆ ନ ଯାଏ ତେବେ ସେହିମାନଙ୍କ ଆଗାମୀ ବଂଶଧର କ୍ଷତିଗ୍ରସ୍ତ ହେବା ସହ ଜମି, ଜଳ ଏବଂ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିବ, ଯଦ୍ୱାରା କୃଷି କାର୍ଯ୍ୟରେ ବାଧା ସୃଷ୍ଟି ହେବ । ଏ ନେଇ ସତୀଗୁଡା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ପରିଚାଳନା ଦାୟିତ୍ୱରେ ଥିବା ତାଳଗୁଡା ବନ ସଂରକ୍ଷଣ ସମିତିର ଏକ ବୈଠକ ସଭାପତି ବଳରାମ ମାଝିଙ୍କ ଅଧ୍ୟକ୍ଷତାରେ ସତୀଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ବାଣିଶ୍ରୀ ମନସ୍ୱିନୀ ଦେବୀ, ବନପାଳ ଦେବାଶିଷ ପ୍ରଧାନ, ପର୍ଯ୍ୟଟନସ୍ଥଳୀ ପରିଚାଳକ ଅବିନାଶ ମହାନ୍ତ ଓ ବନରକ୍ଷୀ ସୁଜାତା ବୈରାଗୀଙ୍କ ସହ ବନ ସଂରକ୍ଷଣ ସମିତିର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ । ବିଶେଷ କରି ଚଳିତ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ଯେପରି ନିଆଁ ନ ଲାଗିବ ମହୁଲ ସଂଗ୍ରହକାରୀମାନେ ଶୁଖିଲା ପତ୍ରକୁ ନିଆଁ ନ ଲଗାଇ ଗଛମୂଳ ସଫାକରି ଫୁଲ ସଂଗ୍ରହ କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ଉପସ୍ଥିତ କର୍ମକର୍ତ୍ତାମାନେ କହିଥିଲେ, ଆମେ ଅନୁଭବ କରିପାରୁଛୁ ମହୁଲ ସଂଗ୍ରହ ସମୟରେ ଜଙ୍ଗଲରେ ନିଆଁ ଲାଗି କିପରି ଜଙ୍ଗଲ ସମ୍ପଦ ଧ୍ୱଂସ ହେଉଛି ଏବଂ ଆମେମାନେ କ୍ଷତିଗ୍ରସ୍ତ ହେଉଛୁ । ଏବେ ମହୁଲ ନୁହେଁ ଆମକୁ ଜଙ୍ଗଲ ଦରକାର, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବୁ ବୋଲି ଶପଥ ନେଇଥିଲେ । ତେବେ ଆଗାମୀ ଦିନରେ ଆଜିର ବୈଠକରେ ନିଆଯାଇଥିବା ନିଷ୍ପତ୍ତି କିପରି କାର୍ଯ୍ୟକାରୀ ହେବ ତାହା ଦେଖିବାକୁ ବାକି ରହିଲା ।

**ସଂକ୍ଷେପରେ**

## ମାଛ ଧରୁଥିବା ବେଳେ ଜଳଭଣ୍ଡାରରେ ବୁଡ଼ିଯାଇ ମହିଳାଙ୍କ ମୃତ୍ୟୁ



ମାଲକାନଗିରି, ୧୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସତୀଗୁଡ଼ା ଜଳଭଣ୍ଡାରରେ ସୋମବାର ମାଛ ଧରୁଥିବା ବେଳେ ବୁଡ଼ିଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଭୀମାରାଙ୍ଗିନୀ ଗ୍ରାମର ରାଧା ମାଡ଼ି (୫୦) ରବିବାର ଅପରାହ୍ନରେ ସତୀଗୁଡ଼ା ଜଳଭଣ୍ଡାରକୁ ମାଛ ଧରିବାକୁ ଯାଇ ଥିଲେ । ଏହି ସମୟରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ଗଭୀର ଜଳରେ ବୁଡ଼ି ଯାଇଥିଲେ । ନିକଟରେ ଅନ୍ୟ ମାଛ ଧରାଳି ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମ ଲୋକମାନେ ବହୁତ ଖୋଜା ଖୋଜି କଲା ପରେ ବିଳମ୍ବିତ ରାତିରେ ଜଳଭଣ୍ଡାରରୁ ମହିଳାଙ୍କୁ ଉଦ୍ଧାର କରିଥିଲେ । ସିନ୍ଧିମାଳ ସରପଞ୍ଚ ଘାସି ନାୟକ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଜଣାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମହିଳାଙ୍କୁ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ମହିଳାଙ୍କ ପୁତୁରା ମାଲକାନଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଗୋଦାମରୁ ଧାନ ଚୋରି ଅଭିଯୋଗରେ ୨ ଗିରଫ

ନବରଙ୍ଗପୁର, ୧୧।୩
(ସଦାଶିବ ପ୍ରହରାଜ)

ଗୋଦାମରୁ ଧାନ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ବିକ୍ରମପୁର ଗାଁର ବେଲାଳ ସେନ ନାୟକ (୨୪) ଓ କୃଷ୍ଣ ବିନ୍ଧାଣୀ(୩୦) । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଫେରାର ଥିବା ନବରଙ୍ଗପୁର ପୋଲିସ ସୂଚନା ଦେଇଛି । ଫେବୃୟାରୀ ୬ ତାରିଖ ରାତିରେ ବିକ୍ରମପୁର ଗ୍ରାମର ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ଗୋଦାମରୁ ଧାନ ଚୋରି ହୋଇଥିଲା । ଏକ ଅଟୋରେ ଚୋରି ଧାନକୁ ନିଆଯାଉଥିବା ଦେଖି ଗାଁର କାହ୍ନୁ ସ୍ୱାଇଁ ମୃତ୍ୟୁଞ୍ଜୟଙ୍କୁ ଫୋନ କରି ଖବର ଦେଇଥିଲେ । ମୃତ୍ୟୁଞ୍ଜୟ ଗ୍ରାମବାସୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ ଅଟୋ (ଓଡ଼ି-୨୪ଏ-୫୭୧୯)ରେ ୧୮ ପ୍ୟାକେଟ ପ୍ରାୟ ୯ କୁଇଣ୍ଟାଲ ଧାନ ଥିଲା । ପୋଲିସ ଗାଡ଼ି ସହ ଧାନ ଜବତ କରିଥିଲା । ମୃତ୍ୟୁଞ୍ଜୟ ଘଟଣା ଦିନ ଥାନାରେ ଏତଲା ଦେଇଥିଲେ । ପୋଲିସ କେସ ନଂ ୬୬/୨୪ରେ ମାମଲା ରୁଜୁ କରିବା ସହ ଅଟୋକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ସୋମବାର ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ଏହି ମାମଲାର ତଦନ୍ତ ଭାର ଏଏସ୍ଆଇ ଏସ୍.ଏସ୍. ସ୍ୱାଇଁ ନେଇଛନ୍ତି ।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ମାଲକାନଗିରି, ୧୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ଦ୍ୱାରା ଜୁଆ ଖେଳରେ ଚଢ଼ାଉ ବେଳେ ୫ ଜଣ ଜୁଆଡ଼ି ଗିରଫ ହୋଇଛନ୍ତି । ଏମ୍‌ଭି ୧୩ ଗ୍ରାମ ନିକଟରେ ରବିବାର ରାତିରେ ଖୁଦୁଖୁଦି ଜୁଆ ଖେଳ ଜାରି ରହିଥିବା ଖବର ପାଇ ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ଜୁଆଡ଼ିମାନେ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ଟିମ୍ ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୮୦୩୦ ଟଙ୍କା ସହ ଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରିଛି । ତେବେ ଏନେଇ ଆଦର୍ଶ ଥାନାରେ ନଂ. ୧୯୯/୨୪ରେ ଏକ ମାମଲା ରୁଜୁକରି ସୋମବାର ଗିରଫ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## କୋଟିଆ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ ବିଡିଓ


ବିଡିଓ ଛାତ୍ରୀଛାତ୍ରଙ୍କୁ ପଢାଉଛନ୍ତି ।

ପଟ୍ଟାଙ୍ଗି, ୧୧।୩(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୀମାନ୍ତ ପଞ୍ଚାୟତର ପଡ଼ୋଶୀ ରାଜ୍ୟ ସହ ବିବାଦ ଲାଗି ରହିଛି । ଏପରିସ୍ଥଳେ ଜଣେ ପ୍ରଶାସନିକ ଅଧିକାରୀ ସୀମାନ୍ତ ପିଲାଙ୍କୁ ପାଠ ପଢାଇବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି । ଖବରରୁ ଜଣାପଡ଼ିଛି, ବିଡିଓ ସୁକାନ୍ତ ପଟ୍ଟନାୟକ କୋଟିଆ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖକରି କନିଷ୍ଠ ଯନ୍ତ୍ରୀ ଅଜୟରାମ ତରାଇ ଏବଂ ପିଇଓ କଣ୍ଡା ଗୋଲରିଙ୍କ ସହ ଆଲୋଚନା କରି ନିର୍ବାଚନ ପୂର୍ବରୁ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୟରେ ବିଡିଓ ପଟ୍ଟନାୟକ ଧୂଳିପଦର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନକରି ଗ୍ରାମରେ ଥିବା ଦୀର୍ଘବର୍ଷ ତଳର ଟିଣ ଘର ବିଦ୍ୟାଳୟକୁ କିପରି ସିମେଣ୍ଟ ଘର କରିହେବ ସେନେଇ ଉପସ୍ଥିତ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ବିଦ୍ୟାଳୟରେ ଉପସ୍ଥିତ କେତେଜଣ ଛାତ୍ରୀଛାତ୍ରଙ୍କୁ ବିଡିଓ ପାଠ ପଢ଼ାଇଥିଲେ । ଏହି ବିଦ୍ୟାଳୟର ଛାତ୍ରୀଛାତ୍ର ଓଡ଼ିଆ ଭାଷା ଠିକ ଭାବେ ବୁଝି ପାରୁ ନ ଥିଲେ ମଧ୍ୟ ବିଡିଓ ପଟ୍ଟନାୟକଙ୍କ ପାଠପଢା ଶୈଳୀକୁ ଅନୁଧ୍ୟାନ କରି କେତେଜଣ ଛାତ୍ରୀଛାତ୍ର ବିଡିଓ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରିଥିଲେ । ପରେ ବିଦ୍ୟାଳୟରୁ ବାହାରି ବିଡିଓ ପଟ୍ଟନାୟକ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଥିଲେ । କୋଟିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କ ସହ ଚିକିତ୍ସା ସମ୍ପର୍କରେ ଡାକ୍ତର ବୀରେଶ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ଡାକ୍ତର ମହାପାତ୍ର ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତି ମା'ମାନଙ୍କ ପାଇଁ ନିର୍ମାଣାଧୀନ ଥିବା ମା'ଗୃହ କାର୍ଯ୍ୟ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଇଥିଲେ । ମା' ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କରି ତୁରନ୍ତ ଶେଷକରିବାକୁ ବିଡିଓ ଯନ୍ତ୍ରୀ ତରାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ୨୯ ଅଭିଯୋଗରୁ ୬ଟିର ତୁରନ୍ତ ସମାଧାନ

ନନ୍ଦାହାଣ୍ଡି, ୧୧।୩
(ପ୍ରତୀପ କୁମାର ଦାଶ)


ଅଧିକାରୀମାନଙ୍କ ସହ ଟ୍ରାଇସାଇକେଲ ପାଇଥିବା ହିତାଧିକାରୀ ।

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମାବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଇଛି । ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳରୁ ଜିଲାପାଳଙ୍କୁ ନିଜର ତଥା ନିଜ ଅଞ୍ଚଳର ସମସ୍ୟା ଜଣାଇବାକୁ ୨୯ ଜଣ ଆସିଥିଲେ । ସେଥିମଧ୍ୟରୁ ୨୫ ବ୍ୟକ୍ତିଗତ ଓ ୪ ଦଳଗତ ଅଭିଯୋଗ ଶୁଣାଣି କରାଯାଇଛି । ଏଥିରେ ୬ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି । ଅନ୍ୟ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଜନ ଶୁଣାଣୀ ଶିବିରରେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା, ଜିଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ବନମାଳୀ ମେହେର, ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଜଣେ ମହିଳାଙ୍କୁ ବିଧବା ଭତ୍ତା ଓ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି ।

## ସିଆଇଏସ୍‌ଏଫ୍ ଯବାନଙ୍କ କାର୍ଯ୍ୟଶୈଳୀ ଅନନ୍ୟ

ଦାମନଯୋଡ଼ି, ୧୧।୩(ମାନସ ରଞ୍ଜନ କର)

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳର ୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ନାଲ୍‌କୋ ଦାମନଯୋଡ଼ିସ୍ଥିତ ସୁରକ୍ଷା ବିହାରଠାରେ କମାଣ୍ଡାଣ୍ଟ ସତୀଶ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଲ୍‌କୋର ସମୂହ ମହାପ୍ରବନ୍ଧକ ପ୍ରମୋଦ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ସେହିପରି ନାଲ୍‌କୋ ସୁରକ୍ଷା ବିଭାଗ ମହାପ୍ରବନ୍ଧକ ପ୍ରଭାତ ଦାଶ, ମୁଖ୍ୟ ଅତିଥି ବେହେରାଙ୍କ ସହଧର୍ମିଣୀ ସରିତା ବେହେରା, କମାଣ୍ଡାଣ୍ଟ ସିଂହଙ୍କ ସ୍ତ୍ରୀ ନିଶା ସିଂହ, ଦାମନଯୋଡି ଥାନା ଅଧିକାରୀ ପ୍ରମିଳା ବିଡ଼ିକା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଦେଶର ସୁରକ୍ଷା ପାଇଁ ସିଆଇଏସ୍‌ଏଫ୍ ଯବାନମାନଙ୍କ କାର୍ଯ୍ୟଶୈଳୀ ଅନନ୍ୟ । ସମଗ୍ର ଦେଶରେ ବିଭିନ୍ନ ସରକାରୀ ପ୍ରତିଷ୍ଠାନ, କାର୍ଯ୍ୟାଳୟ, ବିମାନବନ୍ଦର, ମେଟ୍ରୋ, ଡିଆରଡିଓ ଏବଂ ଭିଆଇପିଙ୍କ ନିରାପତ୍ତା କ୍ଷେତ୍ରରେ ସେମାନେ ସଫଳତାର ସହ କାର୍ଯ୍ୟ କରିଆସୁଛନ୍ତି ବୋଲି କମାଣ୍ଡାଣ୍ଟ ସିଂହ କହିଥିଲେ । ସେହିପରି ଅଗ୍ନି ନିରାପତ୍ତା କ୍ଷେତ୍ରରେ ଅଗ୍ନିଶମ ବିଭାଗ ଯବାନମାନଙ୍କ ସାହସିକତା ଏବଂ ତାଲିମପ୍ରାପ୍ତ ଡଗମାନଙ୍କ କାର୍ଯ୍ୟକୁ ମଧ୍ୟ ଅତିଥିମାନେ ପ୍ରଶଂସା କରିଥିଲେ । ଏହି ଅବସରରେ ଦେଶ ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶହୀଦ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଇନ୍‌ସପେକ୍ଟର ମିଜାନ ସିଂ, ଜିତେନ ଚୌଧୁରୀ, ଚନ୍ଦ୍ରଶେଖର ଦାନିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଅଙ୍କିତା ଜୟସ୍ୱାଲ ସଂଯୋଜନା କରିଥିଲେ । ଡେପୁଟି କମାଣ୍ଡେଣ୍ଟ ନରେନ୍ଦ୍ର ସିଂ ଧନ୍ୟବାଦ ଦେଇଥିଲେ ।

## ପରକୀୟା ପ୍ରୀତିକୁ ନେଇ ଶିରାଗୁଡ଼ାରେ ଉତ୍ତେଜନା

- ମହିଳା, ତାଙ୍କ ପ୍ରେମିକଙ୍କୁ ନିସ୍ତୁକ ମାଡ଼
- ଲଣ୍ଡାକରି ଚପଲମାଳ ପିନ୍ଧାଇଲା କଙ୍ଗାରୁ କୋର୍ଟ

ବୈପାରିଗୁଡ଼ା, ୧୧।୩ (କଳ୍ପତରୁ ମହାନ୍ତି)

ଏକ ପରକୀୟା ପ୍ରୀତି ଘଟଣାକୁ କେନ୍ଦ୍ରକରି କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ମାଠପଡ଼ା ପଞ୍ଚାୟତ ଶିରାଗୁଡା ଗ୍ରାମରେ ସୋମବାର ଉତ୍ତେଜନା ଦେଖାଦେଇଛି । ପୋଲିସ ପକ୍ଷରୁ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଶିରାଗୁଡା ଗ୍ରାମର ଦଉନା ମାଠପଡ଼ିଆ(୪୮)ଙ୍କ ଚରିତ୍ରକୁ ନେଇ ତାଙ୍କ ସ୍ୱାମୀ ବୁଦୁ କୁଶପାରିଆ ସନ୍ଦେହକରି ଆସୁଥିଲେ । ତାଙ୍କର ମଧ୍ୟ ୨ ସନ୍ତାନ ଅଛନ୍ତି । ଗତ ମାସକ ତଳେ ଦଉନା ତାଙ୍କ ପ୍ରେମିକ ତଥା ଗ୍ରାମର ସନାମାଠପଡିଆଙ୍କ ସହ ଲୁଚି ଆସି ନିକଟସ୍ଥ କାଉଡ଼ିଆଗୁଡ଼ା ଗ୍ରାମରେ ଆଶ୍ରୟ ନେଇଥିଲେ । ସନା ପୂର୍ବରୁ ବିବାହିତ ଥିଲେ ମଧ୍ୟ ତାଙ୍କର ସ୍ତ୍ରୀ ମୃତ୍ୟୁବରଣ କରିଥିଲେ । ଏହି ଘଟଣାକୁ ନେଇ ସେମାନଙ୍କ ସମାଜର ଲୋକେ ଗତ ୧୦ ତାରିଖରେ ଘଟଣାର ସମାଧାନ କରିବାକୁ କହି ଉଭୟ ଦଉନା ଓ ସନାମାଠପଡିଆଙ୍କୁ କାଉଡିଆଗୁଡାକୁ ଡାକିଥିଲେ । ସେଠାରେ କଙ୍ଗାରୁକୋର୍ଟ ବସାଇ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ସେମାନଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ କୁହାଯାଇଥିଲା । ଏହା ପୈଠ କରିବାକୁ ସେମାନେ ଅସମର୍ଥ ପ୍ରକାଶ କରିବାରୁ ସମାଜ ପକ୍ଷରୁ ଉଭୟଙ୍କୁ ଲଣ୍ଡାକରି ଗାଁ ଦାଣ୍ଡରେ ବୁଲାଯାଇ ଉଭୟଙ୍କୁ ନିସ୍ତୁକମାଡ ମରାଯାଇଥିଲା । ପରେ ସେମାନଙ୍କୁ ରାତିରେ ଅଣକାଉଡିଆଗୁଡ଼ାଠାରେ ଛଡ଼ାଯାଇଥିଲା । ଉଭୟେ ଚିକିତ୍ସା ପାଇଁ ବୈପାରିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ସୋମବାର ପୀଡିତା ଏ ନେଇ ବୈପାରିଗୁଡା ଥାନାରେ ଏତଲା ଦେଇଥିଲେ । ପୋଲିସ ଏହାର ତଦନ୍ତକରି ମୁଖ୍ୟ ଅଭିଯୁକ୍ତ ବୁଦୁ କୁଶପାରିଆ, ସମାଜ ସଭାପତି ଘାସି ନାୟକ, ସମାଜର ଯୁବ ସଭାପତି ବୈଷ୍ଣବ ନାୟକଙ୍କ ସହ ୯ ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ କହିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଦଫା ୪୯୮(କ), ୧୪୭, ୧୪୮, ୩୪୧, ୩୨୩, ୩୨୫, ୨୯୪, ୩୫୪,୩୫୫, ୫୦୦, ୫୦୬, ୧୪୯ରେ ମାମଲା ରୁଜୁ ହୋଇଛି । କେସ୍ ନଂ. ୭୫/୨୪ ।

## ଅଭିଯୋଗ ଶୁଣାଣିକୁ ପ୍ରହସନ କହିଲେ ଜିଲା ପରିଷଦ ସଭ୍ୟ

ନନ୍ଦାହାଣ୍ଡି, (ପ୍ରତୀପ କୁମାର ଦାଶ)

ଲୋକମାନଙ୍କ ସମସ୍ୟା ସମାଧାନ କରିବାକୁ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଉଛି । ଏଥିରେ ବିଭିନ୍ନ ଅଞ୍ଚଳରୁ ଲୋକେ ଆସି ନିଜର ଓ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ସିଧାସଳଖ ଜିଲାପାଳ, ଏସ୍‌ପି ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ଜଣାଇଥାଆନ୍ତି । ପରେ ସେ ସବୁ ସମସ୍ୟାର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥାନ୍ତି । କିନ୍ତୁ ଏହି ଅଭିଯୋଗ ଶୁଣାଣି ସମ୍ପର୍କରେ ପ୍ରଚାର କରାଯାଉ ନ ଥିବାରୁ ଅନେକେ ନିଜ ସମସ୍ୟା ଜଣାଇବାକୁ ଅସମର୍ଥ ହେଉଛନ୍ତି । ଲୋକମାନେ ଏପରିକି ଲୋକ ପ୍ରତିନିଧିମାନଙ୍କୁ ମଧ୍ୟ ସମସ୍ୟା ସମ୍ପର୍କରେ ଅବଗତ କରାଯାଉନାହିଁ ବୋଲି ନନ୍ଦାହାଣ୍ଡି ଜୋନ୍-୧ ଜିଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା ଅଭିଯୋଗ କରିଛନ୍ତି । ନନ୍ଦାହାଣ୍ଡିରେ ସୋମବାର ଆୟୋଜିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସେ ଏପରି ଅଭିଯୋଗ କରିଛନ୍ତି । ଅଭିଯୋଗ ଶୁଣାଣି ଶିବିରରେ କୋଣସି ଅଭିଯୋଗ କଲେ ସୁଦ୍ଧା ଏହାର ସମାଧାନ ହେଉନଥିବାରୁ ଏହାକୁ ଏକ ପ୍ରହସନ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରିବା ସହ ସେମାନଙ୍କୁ ଅସମ୍ମାନ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଘଟଣା ସମ୍ପର୍କରେ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ଲୋକପ୍ରତିନିଧିଙ୍କୁ ଅସମ୍ମାନ କରାଯାଉଥିବା କଥାକୁ ଅସ୍ୱୀକାର କରିଛନ୍ତି । ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସମ୍ପର୍କରେ ପୂର୍ବରୁ ପ୍ରଚାର କରାଯାଇଥିଲା ବୋଲି ସେ କହିଛନ୍ତି ।

## ଖଣି ଖୋଲାହେଲେ ପ୍ରଭାବିତ ହେବେ ୪୦ ହଜାର ଲୋକ

ସୁନାବେଡ଼ା/ସେମିଳିଗୁଡ଼ା, ୧୧।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କିଛିଦିନ ବ୍ୟବଧାନ ପରେ ସୋମବାର ପୁଣି ଥରେ ତେଜିଛି ମାଳିପର୍ବତ ସୁରକ୍ଷା ଅଭିଯାନ । ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲଙ୍କ ଆହ୍ୱାନରେ ଶତାଧିକ ସଦସ୍ୟ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ଦେଇଛନ୍ତି । ରାଜ୍ୟ ସରକାର କିଛି ବର୍ଷ ତଳେ ଏହି ପାହାଡ଼କୁ ହିଣ୍ଡାଲ୍‌କୋକୁ ଖଣି ଖୋଲିବାକୁ ସ୍ୱୀକୃତି ଦେଇଥିଲେ । ଏହାକୁ ମାଳିପର୍ବତ ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଇଥିଲା । ଏନେଇ ବିଭିନ୍ନ ସମୟରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରି ଆସୁଥିଲେ ।

ସେମାନଙ୍କ କହିବା ମୁତାବକ ଏଠାରେ ଖଣି ଖୋଲାହେଲେ ସେମିଳିଗୁଡ଼ା ବ୍ଲକର ପ୍ରାୟ ୮ଟି ପଞ୍ଚାୟତର ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବେ । ସରକାର ଶୀଘ୍ର କମ୍ପାନୀକୁ ଦେଇଥିବା ଖଣି ଲିଜ୍‌କୁ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରୁଥିଲେ । ଏଥିସହ ସରକାର ମାଳି ପର୍ବତ ସୁରକ୍ଷା ସମିତି ସଦସ୍ୟଙ୍କ ବିରୋଧରେ କରିଥିବା ମିଥ୍ୟା ମାମଲାକୁ ପ୍ରତ୍ୟାହାର କରିବା, ୨୦୦୬ ଜଙ୍ଗଲ ଜମି ସ୍ୱୀକୃତି ଆଇନକୁ କାର୍ଯ୍ୟକାରୀ କରିବା, ୨୦୨୩ ଜଙ୍ଗଲ ସଂଶୋଧନ ଆଇନକୁ ପ୍ରତ୍ୟାହାର କରିବା ନେଇ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ଦାବିପତ୍ରକୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିଲେ ।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୨ ଦାବିପତ୍ର**

ଅନ୍ୟ ପକ୍ଷରେ ହାଲ୍ କାରଖାନା ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଅବ୍ୟବହୃତ ଜମିଗୁଡ଼ିକୁ କାରଖାନା ଦ୍ୱାରା ବିସ୍ଥାପିତ ଲୋକଙ୍କୁ ଫେରାଇବାକୁ ମଧ୍ୟ ଏକ ଦାବିପତ୍ର ହାଲ୍ ବିସ୍ଥାପିତ ସଂଘ ସଭାପତି ପ୍ରଦାନ କରିଥିଲେ । ସୋମବାର ସଂଘ ପକ୍ଷରୁ ସଭାପତି ତ୍ରିଲୋଚନ ମୁଦୁଲିଙ୍କ ନେତୃତ୍ୱରେ ଶତାଧିକ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଆଦିବାସୀ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ଦେଇଥିଲେ । ଏହି ଅବସରରେ ଉଭୟ ମାଳି ପର୍ବତ ସୁରକ୍ଷା ସମିତି ଓ ହାଲ୍ ବିସ୍ଥାପିତ ସଂଘ ପକ୍ଷରୁ ସେମାନଙ୍କ ଦାବି ପୂରଣ ନ ହେଲେ ଆଗାମୀ ନିର୍ବାଚନ ସମୟରେ କୌଣସି ନେତା ଓ କର୍ମୀଙ୍କୁ ଗାଁରେ ପୂରାଇ ଦେବେ ନାହିଁ । ଏଥିସହ ନିର୍ବାଚନରେ ଭୋଟ ବର୍ଜନକରି ରାଜରାସ୍ତାକୁ ଓହ୍ଲାଇବାକୁ ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ମାଳି ପର୍ବତ ସୁରକ୍ଷା ସମିତି ପକ୍ଷରୁ କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ଖିଲ, ଉପଦେଷ୍ଟା ଦାସୀ ନନ୍ଦିବାଲି, ଯୁଗ୍ମ ସମ୍ପାଦକ ପଦଲାମ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।


ବିକ୍ଷୋଭ ପ୍ରଦର୍ଶନ କରୁଥିବା ହାଲ୍ ବିସ୍ଥାପିତମାନେ ।

## ଅବ୍ୟବହୃତ ଜମି ବିସ୍ଥାପିତଙ୍କୁ ଫେରାଇବାକୁ ଦାବି

କୋରାପୁଟ, ୧୧।୩
(ଅମିତାଭ ବେହେରା)

କୋରାପୁଟ ଜିଲା ସୁନାବେଡ଼ାରେ ହିନ୍ଦୁସ୍ଥାନ ଏରୋନୋଟିକସ ଲିମିଟେଡ ପ୍ରକଳ୍ପ ନିର୍ମାଣ ପାଇଁ ବିସ୍ଥାପିତଙ୍କ ଜମି ନିଆଯାଇଥିଲା । ପ୍ରକଳ୍ପ ନିର୍ମାଣ ପରେ ଅବ୍ୟବହୃତ ହୋଇ ପଡି ରହିଥିବା ୯୦୦ ଏକର ଜମିକୁ ବିସ୍ଥାପିତଙ୍କୁ ଫେରସ୍ତ କରିବାକୁ ହାଲ ବିସ୍ଥାପିତ ସଂଘ ଦାବି କରିଥିବା ସଭାପତି ତ୍ରିଲୋଚନ ମୁଦୁଲି କହିଛନ୍ତି । ବିସ୍ଥାପିତ ଥଇଥାନ ନୀତି ଅନୁସାରେ ଥଇଥାନ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି । ହାଲ ବିସ୍ଥାପିତ ସଂଘ ସଭାପତି ତ୍ରିଲୋଚନ ମୁଦୁଲିଙ୍କ ନେତୃତ୍ୱରେ ବହୁ ବିସ୍ଥାପିତ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଜିଲା ପ୍ରଶାସନ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ଖାଲି ପଡ଼ିଛି ଭେଣ୍ଡିଂ ଜୋନରେ ୧୨ ଷ୍ଟଲ

- ଉଦ୍‌ଘାଟନ ପରେ ମଧ୍ୟ ବ୍ୟବସାୟୀଙ୍କୁ ମିଳୁନି ଦୋକାନ
- ପୌର ପରିଷଦ ରାଜସ୍ୱ ହରାଉଥିବା ନେଇ ମତ ଦେଉଛନ୍ତି ବୁଦ୍ଧିଜୀବୀ

ଉମରକୋଟ, ୧୧।୩(ସନ୍ତୋଷ ଶତପଥୀ)

ଉମରକୋଟ ପୌର ପରିଷଦ ପକ୍ଷରୁ ନୂତନ ବସଷ୍ଟାଣ୍ଡରେ ଏକ ଭେଣ୍ଡିଂ ଯୋନ ନିର୍ମାଣ କରାଯାଇଛି । ଭେଣ୍ଡିଂ ଯୋନ ମଧ୍ୟରେ ଛୋଟ ଛୋଟ ୧୨ଟି ଷ୍ଟଲ ପ୍ରାୟ ୧୪ ଲକ୍ଷ ୭୦ହଜାର ଟଙ୍କା ବ୍ୟୟରେ ତିଆରି କରାଯାଇଛି । ଏହି ଷ୍ଟଲଗୁଡ଼ିକର ନିର୍ମାଣ କାର୍ଯ୍ୟ ପ୍ରାୟ ୪ମାସ ହେଲା ସରିଲାଣି । ସେଗୁଡ଼ିକର ଉଦ୍‌ଘାଟନ କରାଯାଇଥିଲେ ମଧ୍ୟ କିନ୍ତୁ ଏବେ ଯାଏ ୧୨ଟି ଷ୍ଟଲ କୌଣସି ଦୋକାନିକୁ ବଣ୍ଟନ କରା ଯାଇନାହିଁ । ଛୋଟ ଛୋଟ ବ୍ୟବସାୟୀମାନେ ଠେଲା ଗାଡ଼ିରେ ଜରି ବାନ୍ଧି ବ୍ୟବସାୟ କରୁଥିବାବେଳେ ପୌର ପ୍ରଶାସନ ଏହାର ଟେଣ୍ଡର ପ୍ରକ୍ରିୟା କରି ଦୋକାନୀଙ୍କୁ ନ ଦେବାରୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି ।

ଭେଣ୍ଡିଂ ଯୋନର ଷ୍ଟଲ କରାଯିବା ପୂର୍ବରୁ ଏହି ସ୍ଥାନରେ ଅନେକ ଚଟପଟି ଖାଦ୍ୟ ବିକ୍ରି ପାଇଁ ଦୋକାନୀ ଠେଲାରେ ବ୍ୟବସାୟ କରୁଥିଲେ । ବର୍ତ୍ତମାନ ଷ୍ଟଲ ହୋଇ ଯାଇଥିବାରୁ ଉଠା ଦୋକାନୀ ମାନେ ନୂତନ ବସ୍‌ଷ୍ଟାଣ୍ଡ ପ୍ରବେଶ ପଥର ରାସ୍ତା କଡ଼ରେ ବ୍ୟବସାୟ କରୁଛନ୍ତି । ଫଳରେ ଏଠାରେ ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ହେଉଛି । ଷ୍ଟଲକୁ ବ୍ୟବସାୟୀଙ୍କୁ ଦେଲେ ଭଡା ବାବଦରେ କିଛି ଅର୍ଥ ପୌର ପରିଷଦକୁ ମିଳିଥାନ୍ତା । ଏପରି ନ ହେବାରୁ ପୌର ପରିଷଦ ଭଡ଼ା ବାବଦକୁ ୪ମାସରେ ୩୦ ରୁ ୪୦ ହଜାର ଟଙ୍କା ହରାଇଛି । ନିର୍ମାଣ ପରେ ଷ୍ଟଲ ବଣ୍ଟନ ହେଉ ନ ଥିବାରୁ ଏହି ଭଳି କାର୍ଯ୍ୟ ପଛରେ କିଛି ଦୁର୍ନୀତି ଲୁଚି ରହିଛି ବୋଲି ଲୋକେ ଆଲୋଚନା କରୁଛନ୍ତି । ଭାଗ ବଣ୍ଟା ଛିଡି ପାରୁନାହିଁ ବୋଲି ବଣ୍ଟନ ହେଉନାହିଁ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ଘଟଣାକୁ ନେଇ ପୌର ପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ପ୍ରତିରଞ୍ଜନ ରଥଙ୍କୁ ପଚାରିବାରୁ କେହି ଅଧିକାରୀ ନ ଥିବାରୁ ମାତ୍ର ୧୦ ଦିନ ହେବ ଏହି ଦାୟିତ୍ୱରେ ରହିଛି । ଏ ସମ୍ପର୍କରେ ଅବଗତ ନାହିଁ । ଯାଞ୍ଚ କରି ଶୀଘ୍ର ବଣ୍ଟନ କିପରି କରାଯିବ ସେ ଦିଗରେ ପଦକ୍ଷେପ ନେବି ବୋଲି ସେ କହିଛନ୍ତି ।



ଉମରକୋଟର ନୂତନ ବସଷ୍ଟାଣ୍ଡରେ ଥିବା ଭେଣ୍ଡିଂ ଜୋନ୍ ।

